# ମୁଁ ଏକ ଗାର ଟାଣିଲି

ଏକଲବ୍ୟ



କାହାଣୀ ଓ ଚିତ୍ର: ଲିଓନାର୍ଡ କେସ୍‌ଲର

# ମୁଁ ଏକ ଗାର ଟାଣିଲି

କାହାଣୀ ଓ ଚିତ୍ର: ଲିଓନାର୍ଡ କେସ୍‌ଲର
ଇଂରାଜୀରୁ ଅନୁବାଦ: ତେଜୀ ଗ୍ରୋଭର
ଓଡ଼ିଆ ଅନୁବାଦ: ରମେଶ ଗୁମାନ ସିଂହ



ଏକଲବ୍ୟ ପ୍ରକାଶନ

# ମୁଁ ଗୋଟିଏ ଗାର ଟାଣିଲି

MU GOTIE GARA TANILI

**I made a line**


Story and pictures by Leonard Kessler

Oriya Translation: Ramesh Gumansingh

April 2018 / 1500 copies
Reprint: January 2023 / 1000 copies
Reprint: December 2023 / 3500 copies
Paper: 70 gsm Maplitho and 210 gsm Paper board (cover)
This Oriya translation is supported by the Parag Initiative of Tata Trusts.
ISBN: 978-81-936759-8-4
Price ₹ 100.00

Published by:
EKLAVYA FOUNDATION
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in

Printed at: R K Secuprint P Ltd, Bhopal, Phone +91 755 2687 589




ଆରେ ଦେଖ,
ଗୋଟିଏ ପେନ୍‌ସିଲ୍ !




କେତେ ସୁନ୍ଦର ଲେଖିହେଉଛି !
ତାହେଲେ ମୁଁ କଣ ତିଆରି କରିବି ?





ମୁଁ
ଗୋଟିଏ
ଗାର
ଟାଣି
ପାରିବି ।






ଏହି ଗାରକୁ ଗୋଲ୍-ଗୋଲ୍
ବୁଲେଇକରି ଗୋଟିଏ ଗୋଲେଇ
ତିଆରି କରି ପାରିବି, ଏବେ
ଦେଖ !






ଏହି ଗାରକୁ
ଗୋଲ୍-ଗୋଲ୍ ବୁଲେଇ ପାରିବି,




ଏହାକୁ ସୂର୍ଯ୍ୟ ବନେଇ
ପାରିବି,




ନ ହେଲେ ଗୋଟିଏ ଚକ,





ଦଉଡ଼ୁ ଥିବା ଟ୍ରେନ୍ (ରେଳଗାଡ଼ି),




ନହେଲେ ପୁଣି ଏକ ମଟର କାର୍ ।



ମୁଁ ଏହି ଗାରକୁ


ଏଠାରୁ



ସେ ପର୍ଯ୍ୟନ୍ତ କୁ,


ପୁଣି ସେଠକୁ

ନେଇପାରିବି ।




ଦେଖ- ଏହା ହୋଇଗଲା ଏକ


ଚାରିକୋଣିଆ !




ମୁଁ ଏହି ଗାରକୁ ଉପରକୁ
ପୁଣି ତଳକୁ
ନେଇଯିବି ?








ବଡ଼ ମୁମ୍ବାଇଟିଏ ତିଆରିବି



ନା ଛୋଟ ବାବଈ ତିଆରିବି ?

ଉପରକୁ,
ଉପରକୁ,
ଆହୁରି ଉପରକୁ,
ଦେଖ ଶିଢ଼ି ଉପରେ
ଗୋଟିଏ ମୂଷା ।




ତଳକୁ,
ତଳକୁ,
ଆହୁରି ତଳକୁ
ଆଉ ଦେଖ ଏହି ଶିଢ଼ି ତଳେ
ଗୋଟିଏ ବିଲେଇ ।

ଉପରକୁ, ଆହୁରି
ଉପରକୁ,



ତଳକୁ,
ଆହୁରି ତଳକୁ




ଉପରକୁ ଆଉ ତଳକୁ
ଯେମିତି ତୁମେ ହସୁଥିବ ।



ଉପରକୁ ଆଉ ତଳକୁ
ଯେମିତି ତୁମେ କାନ୍ଦୁଥିବ ।




ଉପରକୁ ଆଉ ତଳକୁ କରି
ଗୋଲ-ଗୋଲ ଗୋଲେଇ କରି ।




ଗୋଲ-ଗୋଲ

ଆଉ ଗୋଲ ଏବଂ

କେବେ-କେବେ ଚାରିକଣିଆ -





କେବେ ଏ ଆଡ଼େ,
କେବେ ସେ ଆଡ଼େ
ମୋ ଗାରକୁ ମୁଁ ନେଇଯିବି
ଯେଉଁଆଡ଼େ ଇଚ୍ଛା ସେ ଆଡ଼େ !




ମୋ ଗାରକୁ ମୁଁ ନେଇଯିବି

ଛପ,

ଛପ,


ଛପ,


ସମୁଦ୍ରକୁ ।



ମୁଁ ବିନ୍ଦୁ-ବିନ୍ଦୁ କରି.....

ଲମ୍ବା ଗାର ଟାଣି ଦେବି ।






ବହୁତ ଗୁଡ଼ିଏ, ବହୁତ ଗୁଡ଼ିଏ
ବହୁତ ଗୁଡ଼ିଏ ବିନ୍ଦୁ-


ଯେମିତି ଘା ହେବାର ଚିହ୍ନ,
ଯେମିତି କାଇଁଚ ଯାଉଛି ଗଡ଼ି ଗଡ଼ି,
କିମ୍ବା ମହୁମାଛି ଦାଗ ଛାଡ଼ିଯାଏ ଉଡ଼ି ଉଡ଼ି ।







ହେଲେ ଗୁଣୁଗୁଣ ଗୁଣୁଗଣୁ,
ମୋ କଥା ଟିକେ ଶୁଣ,
ବାସ୍ ମୋତେ କାମୁଡ଼ି ଦିଏନି ।

ମୁଁ ବି ତିଆରି କରି
ପାରିବି
କେବଳ
ଗୋଟିଏ
ଛୋଟ
ବିନ୍ଦୁ






ଯେପରିକି ମାଛିର ଆଖି,
ଯେପରିକି ବେଙ୍ଗର
ଆଖି,
ଯେପରିକି କାଠର ଆଖି,



ମୋର ଏ ଗାର
ରହିବ
ନା ଚାଲିବ–
ଚାଲିବ–
ନା ରହିବ ?





ରହିବି !

ଚାଲିବି !

କିଛି ବୁଝି


ପାରୁନାହିଁ ।

ମୁଁ ମୋର ଗାରଙ୍କୁ
ଗଳିରେ ପାଦରେ ମାର୍ଚ-



ମାର୍ଚ
ମାର୍ଚ
ମାର୍ଚ କରାଇ ପାରିବି ।


ବାଆଁକୁ ଚାଲ,




ଦାହିନେ ମୁଡ଼ (ଡାହାଣକୁ ବୁଲ ।)




ପିଛେ ମୁଡ଼ । (ପଛକୁ ବୁଲ)






ମୁଁ କଣ ଏହି ଗାରକୁ
ଝୁଲାଇ ଦେବି କି,
ଝୁଲାଇବି,
ଝୁଲାଇବି,





ଯେମିତି ଏହି ଚଉକି ଝୁଲିବ ।

ଯେମିତି ପାଣିରେ ଏହି ନାଆ ।



ଡେଇଁ ପଡ଼,
ଡେଇଁ ପଡ଼,
ଡେଇଁ ପଡ଼ରେ ମୋ ଗାର






ଆଉ ଯା......

ମାର୍ ଡିଆଁ !





ଯା


ପୁଣି ସ୍ପ୍ରିଂଗ ବନି ଯା

ଜୋକର ରାଜାର !


ଏବେ ଦେଖ ମୋର ଗାରକୁ,
ମୋଟା ପୋକପରି
ସବୁଜ ପଡ଼ିଆରେ
ଘୁରି ଚାଲୁଛି,
ଘୁରି ଚାଲୁଛି,
ଆଗକୁ ଚାଲୁଛି,




ଧୀରେ,
ଧୀରେ,
ଧୀରେ ।



ଧଡ଼ାମ !
ମୁଁ ଯୋରରେ
ମୋ ଗାରକୁ
ଆକାଶକୁ ନେଇଯିବି
ଯେମିତିକି ଜେଟ୍ ବିମାନ
କିମ୍ବା କୌଣସି ରକେଟ୍‌କୁ
ସତେ ଜହ୍ନ ଆଡ଼କୁ
ଦୌଡ଼ାଉଛି ।
ଭଡ଼ାମ !





ଯୋର୍‌ରେ ।

ଧୀରେ ।


ଭିତରକୁ ।


ବାହାରକୁ ।

ଗୋଲ-ଗୋଲ,


ଗୋଲ-ଗୋଲ୍,

ଚାରିଆଡ଼େ ।





ଏ ବିଲେଇ ବିଚାରୀ ଫସିଯାଇଛି ଭିତରେ !



ମୁଁ କାହିଁକି

ନିଜ ଗାରକୁ


ଚଲେଇ,

ଚଲେଇ,

ଚାଲିକି ଚାଲି ନଯିବି

ଏବଂ ପୁଣି....


କେଉଁଠିକୁ ଯାଇ.....



ଧକ୍କା ହେବି !

# ଧଡ଼ାସ୍

ଦେଖ କଣ କଣ କରୁଛି ମୁଁ
ବାସ୍ ଗୋଟିଏ ଗାରରେ ।




ମୁଁ ଏହାକୁ ପତଳା,
କିମ୍ବା ମୋଟା କରି ପାରିବି ।

କିମ୍ବା ଏହାକୁ
ଏମିତି-ସେମିତି କରିଦେବି ।


ଏମିତି-ସେମିତି କରିଦେବି କି ?

ଗୋଟିଏ କୌତୁକିଆ ବିଲେଇ
ତିଆରି କରିବି କି ?



କିମ୍ବା ଆଜି ବର୍ଷା କରିବି କି ?






ଏବଂ ପୁଣି ସବୁକୁ ସବୁ
ବର୍ଷାକୁ ଶୁଖାଇଦେବି,
ତାହାହେଲେ ମଜାରେ ଖେଳି ପାରିବି ।

ମୁଁ ମୂଷା ତିଆରି କରି ପାରିବି
ମୋ ଘର ଯିଏ କୁଟୁରୁ କୁଟୁରୁ
କାଟି ପାରିବ ।



ଚୁଟିଆ,
ଟିକେ ବିଲେଇଠୁ ଦୂରେଇ ରହିବୁ ।





ମୁଁ ଫୁଲ ତିଆରି କରିପାରିବି ।

ଗଛ ବି ତିଆରି କରି ପାରିବି ।


ମୁଁ କୁଆପଥର ବନେଇ ପାରିବି ।
ସବୁ ଜିନିଷକୁ ଜମାକରି ପାରିବି ।



ମୁଁ ୧ ୨ ୩ ତିଆରି କରିବି ।

ନା କ ଖ ଗ ।







ମୁଁ ଗୋଟିଏ ଗାରରେ
ଏ ସବୁକିଛି ତିଆରି କରିପାରିବି !

ନିଅ ଇଏ ରହିଲା ଗୋଟିଏ ଗାର ।

ଦେଖିବା,

କଣ କଣ ଏଥିରେ ତିଆରି ହୋଇ ପାରିବ ।





ଗୋଲ-ଗୋଲ ଏବଂ


ଗୋଲ-ଗୋଲ, ଗୋଲ-ଗୋଲ,

ଏଠି-ସେଠି, ସେଠି-ଏଠି ।




ଆରେ ଇଏ କଣ ହେଲା !





ଇଏ ତ ବିଲ୍‌କୁଲ
ମୋରିଭଳି !



## ଲିୟୋନାର୍ଡ କେସଲର୍



ଲିୟୋନାର୍ଡ କେସଲର୍ ଗତ ୫୫ବର୍ଷ ହେଲା ପିଲାମାନଙ୍କ ପାଇଁ ବହିଲେଖି ଆସୁଛନ୍ତି । ସେ ୨୦୦ରୁ ଅଧିକ ବହିରେ ଚିତ୍ର ଆଙ୍କିଛନ୍ତି ଯାହା ମଧ୍ୟରୁ ଅଧିକାଂଶ ବହିର ଲେଖକ ସେ ନିଜେ । ପାଖାପାଖି ୪୦ରୁ ଅଧିକ ବହି ସେ ନିଜ ପତ୍ନୀ ଇଥେଲଙ୍କ ସହିତ ମିଶି ଲେଖିଛନ୍ତି । ଏଥିମଧ୍ୟରୁ ଅଧିକାଂଶ ପଢ଼ା ଆରମ୍ଭ କରୁଥିବା ପିଲାମାନଙ୍କ ପାଇଁ ଲେଖା ଯାଇଛି ଏବଂ ଡିଜାଇନ୍ କରାଯାଇଛି । କେସଲର୍ଙ୍କର ନିୟୁର୍କ ଟାଇମସ୍ ଦ୍ୱାରା ବଛା ଯାଇଥିବା ତିନୋଟି ବହି, ପିଲାମାନଙ୍କ ପାଇଁ ସବୁଠାରୁ ଭଲ ୧୦ଟି ଚିତ୍ରିତ ବହି ତାଲିକାରେ ରହିଛି ।

ଆପଣଙ୍କୁ ଲେଖକ ଓ ଚିତ୍ରକର ହେବାର ପ୍ରେରଣା କେଉଁଠାରୁ ମିଳିଲା ବୋଲି ପଚରାଯିବାରୁ, ଲିୟୋନାର୍ଡ କେସଲର୍ କହନ୍ତି, "ମତେ ସବୁବେଳେ ଚିତ୍ର ଆଙ୍କିବାକୁ ଭଲ ଲାଗେ.....ଛଅ ବର୍ଷ ବୟସରେ ....ଯେତେବେଳେ ମୋର ଆଦରଣୀଆ ଜେଜେମାଆ ମାର୍ଥା, ସବୁଠାରୁ ସୁନ୍ଦର ପକ୍ଷୀମାନଙ୍କର ଚିତ୍ର ଯିଏ ଆଙ୍କୁଥିଲେ, ସେ ମତେ ପ୍ରଥମେ ପ୍ରଥମେ ମହମ ଚକ୍ (ୱାକ୍ସ କ୍ରେୟନ) ଆଣି ଦେଲେ....ମୁଁ ତାଙ୍କର ପ୍ରସଂଶକ ହୋଇଗଲି...କି ଚମତ୍କାର ଥିଲା... ସିଧାସଳଖ ରଙ୍ଗରେ ଚିତ୍ର ଆଙ୍କିବା । ମୋର ଶବ୍ଦମାନଙ୍କ ସହିତ ମଧ୍ୟ ଖୁବ୍ ଭଲପାଇବା ଥିଲା.... କବିତା ଲେଖିବା...କାହାଣୀ ଲେଖିବା, ଚିତ୍ର ଏବଂ ଶବ୍ଦକୁ ସାଥିରେ ରଖିବା... ମୁଁ ନିଜେ ମୋ ବହି ତିଆରି କରି ପାରୁଥିଲି ।"

କୁନି ଲେଖକ ଏବଂ ଚିତ୍ରକରଙ୍କ ପାଇଁ ସେ କହନ୍ତି, "ତୁମେ ଯେ କୌଣସି କାମ ଏଥିପାଇଁ କର ଯାହାକୁ କି ତୁମେ ଭଲପାଉଛ....ସବୁଦିନ ଲେଖ ଓ ଚିତ୍ର ଆଙ୍କ... ଯେତେବେଳେ ଚିତ୍ର କରୁଛ ନିଜ ପ୍ରଣାଳୀରେ କର...କାରଣ କଳାକାର ତ ତୁମେ ନିଜେ । ତୁମ ଚିତ୍ର ଆଙ୍କିବା ପଣାଳୀ ତୁମର ପରିଚୟ, ଏବଂ ବଡ଼ ଡ଼ ଚିତ୍ରକରଙ୍କ ଚିତ୍ର ମଧ୍ୟ ଦେଖ- ପିକାସୋ, ରେମବ୍ରାଁ, ଗୋୟା, ପୋଲେକ ଆଦି...ଦେଖ ଯେ ସେମାନେ କଣ ସବୁ ଆଙ୍କିଛନ୍ତି... ଦେଖ କି ଚିତ୍ର ଆଙ୍କିବା ପାଇଁ କଣ କଣ କଣ ପଦ୍ଧତି ରହିଛି । ଲେଖକ ହେବା ପାଇଁ...ଲେଖ...ଗୋଟିଏ ଡାଏରୀ ରଖ ନିତି ସେଥିରେ ଲେଖ... ଯଦି ପ୍ରତ୍ୟେକ ରାତିରେ ସେଥିରେ ତୁମେ କେବଳ ଦୁଇଟି ଧାଡ଼ି ଲେଖିବ... ତାହାହେଲେ ଦେଖିବ ବର୍ଷ ଶେଷରେ ତୁମ ପାଖରେ...୭୩୦ଧାଡ଼ି ହୋଇ ଯାଇଥିବ ।"


# ଏକଲବ୍ୟର ପରିଚୟ


ଏକଲବ୍ୟ ଏକ ସ୍ୱେଚ୍ଛାସେବୀ ସଂଗଠନ। ଏହା ଗତ କେତେ ବର୍ଷ ଧରି ଶିକ୍ଷା ଏବଂ ଜନବିଜ୍ଞାନ କ୍ଷେତ୍ରରେ କାମକରି ଆସୁଅଛି । ଏକଲବ୍ୟର ପରୀକ୍ଷା ନିରୀକ୍ଷା ସ୍କୁଲ ଏବଂ ସ୍କୁଲ ବାହାରେ ଉଭୟ କ୍ଷେତ୍ରରେ ଜାରି ରହିଛି ।

ଏକଲବ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏଭଳି ଶିକ୍ଷା ଯାହା ପିଲାମାନଙ୍କ ସହିତ ଓ ପରିବେଶ ସହିତ ଯୋଡ଼ି ହୋଇ ରହିଥିବ, ଯାହାକି ଖେଳକୁଦ, ପରୀକ୍ଷା ନିରୀକ୍ଷା ଏବଂ ସୃଜନାତ୍ମକ ବିଷୟ ଉପରେ ଆଧାରିତ ହୋଇଥିବ। ଆମେ ଆମ କାମ ମାଧ୍ୟମରେ ଜାଣି ପାରିଲୁ ଯେ ସ୍କୁଲ କାର୍ଯ୍ୟକ୍ରମ ସେତିକିବେଳେ ସାର୍ଥକ ହୋଇପାରିବ ଯେତେବେଳେ ପିଲାମାନେ ସ୍କୁଲରେ, ସ୍କୁଲ ବାହାରେ ଘରେ ମଧ୍ୟ ରଚନାତ୍ମକ ପରୀକ୍ଷା ନିରୀକ୍ଷା କରିବା ପାଇଁ ସାଧନ ଉପଲବ୍ଧ ହୋଇପାରୁଥିବ। ଏଥିପାଇଁ ପୁସ୍ତକ ତଥା ପତ୍ରିକା ଏକ ମୁଖ୍ୟ ଭୂମିକା ନିର୍ବାହ କରିଥାଏ।

ଗତ କେତେ ବର୍ଷ ହେଲା ଆମେ ଆମର କାର୍ଯ୍ୟର ପ୍ରସାରଣ ପ୍ରକାଶନ କ୍ଷେତ୍ରରେ କରିଛୁ। ପିଲାମାନଙ୍କର ପତ୍ରିକା ଚକ୍‌ମକ ବ୍ୟତୀତ ସ୍ରୋତ (ବିଜ୍ଞାନ ଏବଂ ଟେକ୍ନୋଲଜି ଫିଚର) ତଥା ସଂଦର୍ଭ (ଶୈକ୍ଷିକ ପତ୍ରିକା)ଆମର ନିୟମିତ ପ୍ରକାଶନ ଅଟେ। ଶିକ୍ଷା, ଜନବିଜ୍ଞାନ ଓ ପିଲାମାନଙ୍କ ପାଇଁ ସୃଜନାତ୍ମକ ପରୀକ୍ଷା-ନିରୀକ୍ଷା ବ୍ୟତୀତ ବିକାଶର ବ୍ୟାପକ ବିଷୟରେ ସମ୍ପର୍କ ରଖୁଥିବା ପୁସ୍ତକ, ପୁସ୍ତିକା ତଥା ସାମଗ୍ରୀ ଇତ୍ୟାଦି ଏକଲବ୍ୟ ପ୍ରସ୍ତୁତ ଏବଂ ପ୍ରକାଶିତ କରୁଅଛି।ବର୍ତ୍ତମାନ ଏକଲବ୍ୟ ମଧ୍ୟ ପ୍ରଦେଶର ଭୋପାଳ,ହୋଶଙ୍ଗାବାଦ, ପିପରିୟା, ତାମିୟା ହରଦା, ଦେୱାସ, ଇନ୍ଦୋର ଏବଂ ସାହାପୁର(ବୈତୁଲ)ରେ ଥିବା କାର୍ଯ୍ୟାଳୟ ମାଧ୍ୟମରେ କାର୍ଯ୍ୟରତ।







## ବଡ଼ମାନଙ୍କ ପାଇଁ ଦି ପଦ...

ଏହି ବହିଟି ଏମିତି ଲେଖା ଯାଇଛି କି ପିଲାମାନେ ଆପେ ଆପେ ଜାଣିପାରିବେ ଯେ ପଢ଼ିବାଟା କେତେ ମଜା ଲାଗେ । ଚିତ୍ର ଆଙ୍କିବା ଆରମ୍ଭ ଗାର ରୁ ଏବଂ ଏହି କାହାଣୀରେ ଫୁଲପରି ଫୁଟି ଉଠୁଥିବା ଜଣେ ପିଲା ଏହାକୁ ଖୁବ୍ ମଜା କରି କରି ମାତ୍ର ଗୋଟିଏ ଗାରରୁ ନିଜ ଦୁନିଆକୁ ତିଆରି କରି ଚାଲିଲା । ଏମିତି ଲାଗୁଛି କି ଏହି ବହିକୁ ଯିଏ ପଢ଼ି ଶିଖିବ, ସେ ଗାର ସହିତ ଖେଳି ଖେଳି ଚିତ୍ର ମଧ ଆଙ୍କିବ । ତାକୁ ଲାଗିବ ପଢ଼ିବାରେ ଯେତିକି ମଜା ଚିତ୍ର ଆଙ୍କିବାରେ ମଧ ସେତିକି ମଜା, ବାସ୍ ଖାଲି ଆରମ୍ଭ କରିବା ବାକି ରହିଲା ।

ବଡ଼ମାନେ ବିଚାରିବେ ଏହି ବହିରେ ବାକ୍ୟଗୁଡ଼ିକ ବହୁତ ଛୋଟ ଛୋଟ, ଶବ୍ଦ ବହୁତ ସରଳ, ଏବଂ ଶବ୍ଦଗୁଡ଼ିକୁ ବାରମ୍ବାର ଓ ରଚନାତ୍ମକ ଭାବେ ପୁଣି ଦୋହରାଇ ପଢ଼ିବା ଲାଭଦାୟକ ହୋଇଥାଏ । ଏହି ବହିର ପୃଷ୍ଠା ଲେଉଟାଇଲେ କୌଣସି ବି କୁନି ପାଠକକୁ ଲାଗିବ ଯେ "ଇଏତ ବହୁତ ମଜାଦାର ଅଟେ । ମୁଁ ଏହାକୁ ନିଜେ ପଢ଼ି ପାରିବି !"

ହୋଇପାରେ କି ଆପଣଙ୍କୁ କିଛି ପିଲାମାନଙ୍କୁ ଆରମ୍ଭରୁ ଏହି କାହାଣୀ ପଢ଼ିକରି ଶୁଣାଇବାକୁ ପଡ଼ିବ । ଆଉ କେତେକ ପିଲାଙ୍କୁ ପଢ଼ିବା ସମୟରେ କିଛି ସାହାଯ୍ୟ ମଧ କରିବାକୁ ପଡ଼ିବ । ଏଭଳି ସାହାଯ୍ୟ ଯାହାକି ଆପଣ ଅନାୟଶରେ ଦେଇ ଦିଅନ୍ତୁ । କିନ୍ତୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ପିଲାମାନେ ଯେଉଁମାନେ ନିଜେ ପଢ଼ିବା ଶିଖି ଗଲେଣି ସେମାନେ "ନିଜକୁ ନିଜେ" ପଢ଼ିଲେ ଭରପୂର ଆନନ୍ଦ ପାଇପାରିବେ ।


parag

AN INITIATIVE OF
TATA TRUSTS



ଏକଲବ୍ୟ

Price: ₹ 100.00

9788193675984